## ବିଷାକ୍ତ ଛତୁ ଖାଇ ୧୪ ଅସୁସ୍ଥ

ପଦ୍ମପୁର,(ଡି.ଏନ୍.ଏ.)- ପଦ୍ମପୁର ବ୍ଲକ୍ ଲଛନଗୁଡ଼ା ଗ୍ରାମରେ ଗୁରୁବାର ରାତିରେ ବିଷାକ୍ତ ଛତୁ ଖାଇ ୧୪ ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ବ୍ୟକ୍ତି ଗୁରୁବାର ଜଙ୍ଗଲରୁ ଛତୁଆଣି ଗ୍ରାମବାସୀଙ୍କୁ ବାଣ୍ଟିଥିଲେ। ରାତିରେ ସାହି ବାସିନ୍ଦା ଛତୁ ତରକାରି କରି ଖାଇଥିଲେ। ଏହାପରେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅସୁସ୍ଥଙ୍କ ମଧ୍ୟରେ ଗିରିଧାରୀ ଶବର(୫୨), ଚିନ୍ମୟୀ ଶବର(୧୪), ନଳିନୀ ଶବର(୪୫), ଦମୟନ୍ତୀ ଶବର(୪୬), ରାଜେଶ୍ୱରୀ ଗମାଙ୍ଗ(୪୫), ଆରିକା ଗମାଙ୍ଗ(୧୪), ଆକାଶ ଗମାଙ୍ଗ(୧୪), ନିରଞ୍ଜନ ପାଣି(୪୫), ଦାମ ଦାଶ(୫୦), ତମାଳ ଦାଶ(୪୦), ରବି ଦାଶ(୧୫), ଅଜୁ ଦାଶ(୧୪), ହରେକୃଷ୍ଣ ଗମାଙ୍ଗ(୭୦), ଚଞ୍ଚଳ ଶବର( ୪୦) ରହିଛନ୍ତି। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଡାକ୍ତର ବିକାଶ ଦଳେଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସିବିଏସ୍ଇ ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

#### ଡିଏଭି ବେଦାନ୍ତ ଆନ୍ତର୍ଜାତିକ ବିଦ୍ୟାଳୟ



ମୁନିଗୁଡ଼ା,୩୦।୭ (ଡି.ଏନ୍.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ସ୍ଥିତ ଡିଏଭି ବେଦାନ୍ତ ଆନ୍ତର୍ଜାତିକ ବିଦ୍ୟାଳୟ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ନିଲେଶ ବଂଶଲ୍ ୯୬.୨୦ ପ୍ରତିଶତ, ଆକାଶ ସେଠୀ ୯୫.୬୦ ପ୍ରତିଶତ ଓ ଲିପ୍ସା ପାତ୍ର ୯୩.୪୦ ପ୍ରତିଶତ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୯୦%ରୁ ଅଧିକ ନମ୍ବର ୬ ଜଣ ଓ ୮୦%ରୁ ୯୦% ରଖି ୮ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟରେ ରାୟଗଡ଼ା ଜିଲାର ମୁନିଗୁଡ଼ା, ବିଷମକଟକ ଏବଂ ଅମ୍ବାଦୋଳା ଅଞ୍ଚଳର ଅନେକ ଛାତ୍ରୀଛାତ୍ର ପଢୁଥିବାରୁ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଅଭିଭାବକ ଓ ଛାତ୍ରଛାତ୍ରମାନେ ଏଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସ୍କୁଲର ଅଧକ୍ଷ ସଦାନନ୍ଦ ହୋତା ପାସ୍ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

### ପକ୍କାରାସ୍ତା ନିର୍ମାଣ ପାଇଁ ବିଡିଓଙ୍କ ନିକଟରେ ଦାବି



ଚିତ୍ରକୋଣ୍ଡା,୩୦।୭-ଚିତ୍ରକୋଣ୍ଡା ସଦରସ୍ଥିତ ୯ ନଂ ୱାର୍ଡର ଶତାଧିକ ବାସିନ୍ଦା ଶୁକ୍ରବାର ନିଜ ସାହିରେ ପକ୍କାରାସ୍ତା ଓ ଡ୍ରେନ୍ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଡିଓ ରାହୁଲ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚିତ୍ରକୋଣ୍ଡା ଦୈନିକ ବଜାରକୁ ଲାଗି ରହିଥିବା ଏହି ୱାର୍ଡର ଏମ୍. ଚିରଞ୍ଜିବିଲୁ ଓ ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଅମିତ ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ଲୋକେ ବିଡିଓଙ୍କୁ ଭେଟି ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିବା ସହ ଦୀର୍ଘ ଦିନ ଧରି ଅବହେଳିତ ହୋଇ ପଡ଼ିଥିବା ଚିତ୍ରକୋଣ୍ଡା ମୁଖ୍ୟରାସ୍ତାରୁ ୯ ନଂ ୱାର୍ଡ ଦେଇ ଦୈନିକ ବଜାରକୁ ସଂଯୋଗ କରୁଥିବା ରାସ୍ତା ଓ ଡ୍ରେନକୁ ପକ୍କା ରୂପରେ ନିର୍ମାଣ କରିବାକୁ ଦରଖାସ୍ତ ମାଧ୍ୟମରେ ଅନୁରୋଧ କରିଥିଲେ। ୯ ନଂ ୱାର୍ଡ ମୁଖ୍ୟରାସ୍ତାର ଅପରପାର୍ଶ୍ୱରେ ପାହାଡ଼ ଥିବାରୁ ବର୍ଷା ଦିନେ ପାହାଡ଼ର ଝର ଓ ବର୍ଷାର ଅତ୍ୟଧିକ ପାଣି ଏହି ୱାର୍ଡ ମଧ୍ୟରେ ପ୍ରବେଶ କରୁଛି। ଡ୍ରେନ୍ ନ ଥିବାରୁ ପାଣି ବାହାରକୁ ଯାଇ ନ ପାରି ଲୋକଙ୍କ ଘରେ ପଶୁଛି। ଏହାଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବିଡିଓ କନିଷ୍ଠ ଯନ୍ତ୍ରୀ ନୟନ ସରକାର, ପିଇଓ ବାଳକୃଷ୍ଣ ଦେହୁରୀଙ୍କୁ ପଠାଇ ସ୍ଥିତି ସମ୍ପର୍କରେ ଅବଗତ ହେବାପରେ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ୱାର୍ଡବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଚାଷୀଙ୍କ ଜମି ଅନ୍ୟ ନାମରେ ପଞ୍ଜୀକରଣ ଅଭିଯୋଗ

## ଧାନବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣରେ ଅବ୍ୟବସ୍ଥା

ମାଲକାନଗିରି,୩୦।୭(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପୂର୍ବରୁ ପଞ୍ଜୀକରଣ କରିବା ପାଇଁ ଲ୍ୟାମ୍ପସରେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତି କରାଯାଇ ଡିଜିଟାଲ ମାଧ୍ୟମରେ ପଞ୍ଜୀକରଣ କରାଯାଇଥାଏ। ପ୍ରତ୍ୟେକ ବର୍ଷ ପ୍ରକୃତ ଚାଷୀଙ୍କ ପଞ୍ଜୀକରଣ ନ ହେଇ ଅନ୍ୟ ଲୋକଙ୍କ ନାମରେ ପଞ୍ଜୀକରଣ କରାଯାଉଥିବା ବାରମ୍ବାର ଅଭିଯୋଗ ହେଉଛି। ଏଥିପାଇଁ ମାଲକାନଗିରି ଜିଲାରେ ଅନେକ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ନିଲମ୍ବିତ ସହ ଜେଲ ଯିବାକୁ ମଧ୍ୟ ପଡ଼ିଛି। ଚଳିତ ବର୍ଷ ଚାଷୀଙ୍କ ପଞ୍ଜୀକରଣ କାର୍ଯ୍ୟ ଜୁଲାଇ ୧୫ରୁ ଆରମ୍ଭ ହୋଇ ଅଗଷ୍ଟ ୧୬ ମଧ୍ୟରେ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। କାଳିମେଳା ଥାନା ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ମୁଦାଖାଲ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଚାଷୀ କାଳିମେଳା ଲ୍ୟାମ୍ପସକୁ ସେମାନଙ୍କ ସମସ୍ତ ନଥିପତ୍ର ନେଇ ପଞ୍ଜୀକରଣ ପାଇଁ ଯାଇଥିଲେ। ହେଲେ ଲ୍ୟାମ୍ପସ କର୍ତ୍ତୃପକ୍ଷ ତୁମ ଜମିର ପଞ୍ଜୀକରଣ ସରିଛି, ଆଉ ହୋଇପାରିବ ନାହିଁ ବୋଲି ଚାଷୀମାନଙ୍କୁ କହିଛନ୍ତି। ତେବେ କେଉଁମାନଙ୍କ ନାମରେ ପଞ୍ଜୀକରଣ ହୋଇଛି ତାହାର ସ୍ପଷ୍ଟ ଉତ୍ତର ନ ପାଇବାରୁ ଚାଷୀମାନେ ଶୁକ୍ରବାର କାଳିମେଳା ଲ୍ୟାମ୍ପସରେ ଅଭିଯୋଗ ପାଇଁ ପହଞ୍ଚିଥିଲେ। କିନ୍ତୁ ଲ୍ୟାମ୍ପସ ପରିଚାଳକ ବିଭାଗୀୟ କାର୍ଯ୍ୟରେ ଅନ୍ୟତ୍ର ପଳାଇଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ତେବେ ମୁଦାଖାଲ ଗ୍ରାମର ମୁକୁନ୍ଦ ମାଡ଼ି, ଭିମା ମାଡ଼ି, ସୋମନାଥ ମାଡ଼ି, ଜଗା ମାଡ଼ି, କନା ସୋଡି, ଦେବା ମାଡ଼ି, ରାମା ମାଡକାମି, ଦେବା ସୋଡି, ଉଙ୍ଗା କବାସୀ, ଗଙ୍ଗା ମାଡକାମି, ମୁକୁନ୍ଦ ମାଡକାମି, ଗଙ୍ଗା କବାସୀ, ଇର୍ମା ବେଟି, ଉରା ବେଟି ପ୍ରମୁଖ ଚାଷୀଙ୍କ ଅଭିଯୋଗ ହେଲା, ଜମିର ପଟ୍ଟା, ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ନଥିପତ୍ର ଫଟୋ ସହ ଲ୍ୟାମ୍ପସରେ ଦାଖଲ କରିବାକୁ ବାରମ୍ବାର ଯାଉଥିଲେ ମଧ୍ୟ ଲ୍ୟାମ୍ପସ କର୍ମଚାରୀ ତୁମର ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି କହି ଫେରାଇ ଦେଉଛନ୍ତି। ଅନ୍ୟପକ୍ଷରେ ସେହି ଗ୍ରାମର ଦେବେ ମାଡ଼ି, ମୁକେ ମାଡ଼ି, ମାଲେ ମାଡ଼ି, କାନା ମାଡ଼ି, ପଦିଏ ମାଡ଼ି, ଆଡମା ସୋଡି, ଇନ୍ଗେ ମାଡ଼ି, ଜଗି ବେଟିଙ୍କ ସହ ୧୮ରୁ ଉର୍ଦ୍ଧ୍ୱ ପୁରଷ, ମହିଳା ଚାଷୀ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ତେବେ ସେମାନେ ନିଜ ଜମିର ପଞ୍ଜୀକରଣ କରି ନ ଥିବାବେଳେ ଅନ୍ୟ ଲୋକଙ୍କ ନାମରେ ସେମାନଙ୍କ ଜମି କିପରି ପଞ୍ଜୀକୃତ ହେଲା ତାହାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏଥିସହ ଯେଉଁମାନଙ୍କ ନାମରେ ପଞ୍ଜୀକରଣ ହୋଇଛି ତାହାକୁ ରଦ୍ଦ କରିବା ପାଇଁ ସେମାନେ କହିଛନ୍ତି। ପଞ୍ଜୀକରଣ ସମୟରେ ଦଲାଲ ଏବଂ ଲାମ୍ପସ କର୍ମଚାରୀଙ୍କ ସଲାସୁତରା ଯୋଗୁ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଗତବର୍ଷ ଏହି ଲାମ୍ପସରେ ବଡ଼ ଦର୍ନୀତି କାରଣରୁ ପରିଚାଳକ ଗିରଫ ହୋଇଥିଲେ। ନ୍ୟାୟ ନ ମିଳିଲେ ବାଧ୍ୟ ହୋଇ ଜିଲାପାଳ ଓ ଆଇନର ଦ୍ୱାରସ୍ଥ ହେବୁ ବୋଲି ସେମାନେ କହିଛନ୍ତି। ଏ ସମ୍ବନ୍ଧରେ କାଳିମେଳା ଲ୍ୟାମ୍ପସ ପରିଚାଳକ ବିକାଶ ମିଶ୍ର କହିଛନ୍ତି, ଅଭିଯୋଗ ପ୍ରକାରେ ତଦନ୍ତ କରାଯିବ। ଆର୍ଆଇ ଗ୍ରାମକୁ ଯାଇ ପ୍ରକୃତ ଜମି ମାଲିକ ଚିହ୍ନଟ କରି ତହସିଲଦାରଙ୍କ ଜରିଆରେ ରିପୋର୍ଟ ପଠାଇଲେ ଏହାର ସଂଶୋଧନ ହୋଇପାରିବ ବୋଲି ସେ କହିଛନ୍ତି। ତେବେ ଶୁକ୍ରବାର କାଳିମେଳା ଲ୍ୟାମ୍ପସରେ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଚାଷୀ ସାମାଜିକ ଦୂରତା ଓ ମାସ୍କ ନିୟମ ନ ମାନି ନ ପିନ୍ଧି ଗହଳି କରିଥିବା ଦେଖିବାକୁ ମିଳିଥିଲା। ଫଳରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା ରହିଛି।



ଅଭିଯୋଗ ପାଇଁ କାଗଜପତ୍ର ଧରି ଆସିଥିବା ଚାଷୀମାନେ।

# ୪୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୫ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

ପଦ୍ମପୁର,୩୦।୭(ଡି.ଏନ୍.ଏ.)

ଝାଡ଼ଖଣ୍ଡକୁ ଚାଲାଣବେଳେ ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଏକ ଟ୍ରକ୍ ଏବଂ କାର୍ରୁ ୪୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡର ପଙ୍କଜ କୁମାର, ଶିକେଶ ଶୁକ୍ଲା, ଅରବିନ୍ଦ କୁମାର, ମହେନ୍ଦ୍ର ପ୍ରସାଦ ଓ ରୋହିତ କୁମାର କେଶରୀ। ଟ୍ରକ୍ରେ ୨ ଜଣ ଯାଉଥିବାବେଳେ ଅନ୍ୟ ୩ ଜଣ କାର୍ରେ ଯାଉଥିଲେ।

ସୂଚନା ଅନୁଯାୟୀ, ପଦ୍ମପୁର ଥାନା ଏସ୍ଆଇ ଲଳିତ ମୋହନ ଦାଶ, କେନ୍ଦୁଗୁଡ଼ା ଫାଣ୍ଡି ଅଧିକାରୀ କିଶୋର ଚନ୍ଦ୍ର ବେହେରା ଓ ପୋଲିସ ଟିମ୍ କେନ୍ଦୁଗୁଡ଼ା ଫାଣ୍ଡି ନିକଟ ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ଟ୍ରକ୍(ୟୁପି ୪୧ ଟି ୮୫୦୭) କୁ ସନ୍ଦେହ କରି ତନଖି ବେଳେ ଟ୍ରକ୍ରୁ ୩୫୬ କେଜି ଗଞ୍ଜେଇ ବାହାରିଥିଲା। ସେହିପରି ଟ୍ରକ୍ ପଛରେ ଯାଉଥିବା ଏକ କାର୍(ଜେଏଚ୍ ୦୧ ଡିସି ୫୯୩୯)କୁ ମଧ୍ୟ ଯାଞ୍ଚ କରାଯାଇଥିଲା। ସେଥିରୁ ୭୧ କେଜି ଗଞ୍ଜେଇ ବାହାରିଥିଲା। ଅଭିଯୁକ୍ତ ମାନେ କେନ୍ଦୁଗୁଡ଼ା ଅଞ୍ଚଳରୁ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ପୋଲିସ ଟ୍ରକ୍ ଏବଂ କାର୍ ସମେତ ୬ଟି ମୋବାଇଲ୍, ୧ ଲକ୍ଷ ୧ ହଜାର ୩୦୦ଶହ ଟଙ୍କା ଜବତ କରିଥିବା ପଦ୍ମପୁର ଥାନାଧିକାରୀ ବିଶ୍ୱରଞ୍ଜନ ଦାଶ ସୂଚନା ଦେଇଛନ୍ତି। ପ୍ରତ୍ୟେକ ବର୍ଷ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ପଦ୍ମପୁର ଅଞ୍ଚଳରୁ ଶତାଧିକ ଏକର ଜମିରେ ଗଞ୍ଜେଇ ଗଛ ନଷ୍ଟ କରୁଥିଲେ ମଧ୍ୟ ଏହି ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ବନ୍ଦ ହେଉ ନ ଥିବାରୁ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

# ମାଟ୍ରିକ୍ ଅଫ୍ଲାଇନ୍ ପରୀକ୍ଷା ତଦାରଖ କଲେ ଡିଇଓ

## ବିଭିନ୍ନ କାର୍ଯ୍ୟକ୍ରମର କଲେ ସମୀକ୍ଷା

କାଳିମେଳା,୩୦।୭(ଡି.ଏନ୍ଏ.)

ମାଲକାନାଗିରି ଜିଲାରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଡିଇଓ ମାନସ କୁମାର ଜେନା ଓ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୃଷ୍ଣଚନ୍ଦ୍ର ବେବର୍ତ୍ତା ଶୁକ୍ରବାର କାଳିମେଳା, ପଡ଼ିଆ ଗସ୍ତକରି ପଡ଼ିଆ ସଦରସ୍ଥିତ ମଙ୍ଗଳ ବିଭାଗ ହାଇସ୍କୁଲରେ ଏଫ ଲାଇନ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା କେନ୍ଦ୍ର ର ବ୍ୟବସ୍ଥା ସ୍ଥିତି ସମୀକ୍ଷା କରିବା ସହ ଛାତ୍ରୀଛାତ୍ରଙ୍କ ସମସ୍ୟା ପଚାରି ବୁଝିଥିଲେ। ଉକ୍ତ କେନ୍ଦ୍ରରେ ୮ ଛାତ୍ରୀଛାତ୍ର ଥିବାବେଳେ ସମସ୍ତେ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସେହିପରି କାଳିମେଳା ବିଇଓଙ୍କ ଅଧୀନରେ ଥିବା ୨ କେନ୍ଦ୍ର ମଧ୍ୟରୁ ଶାବେରୀ ବିଦ୍ୟାଭବନ ଏମ୍ଭି–୭୯ କେନ୍ଦ୍ରରେ ୨୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯ ଜଣ ପରୀକ୍ଷା ଦେଇଥିବାବେଳେ ୬ ଜଣ ଅନୁପସ୍ଥିତ ଥିଲେ। ସେହିପରି ଏମ୍ଭି ୮୮ସ୍ଥିତ ଡକ୍ଟର ଆମ୍ବେଦକର ହାଇସ୍କୁଲରେ ୨୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯ ଜଣ ପରୀକ୍ଷା ଦେଇଛନ୍ତି। ତେବେ ସମସ୍ତ ପରୀକ୍ଷା କେନ୍ଦ୍ର ବୁଲି ଦେଖିବା ପରେ କାଳିମେଳା ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଇଓଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରେ ବିଇଓ ରମେଶ ଚନ୍ଦ୍ର ବାରୋଇ, ବିଆର୍ସିସି, ବ୍ଲକ ସହ ଶିକ୍ଷାଧିକାରୀ ରବିନ୍ଦ୍ର ନାଥ ଧର, ଚିନ୍ତା ହରଣ ମଧୁଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା, ଚାରାରୋପଣ, କିଚେନ ଗାର୍ଡେନ, ଇକୋ କ୍ଲବ କାର୍ଯ୍ୟ, ୧ମ ରୁ ୮ମ ଶ୍ରେଣୀ ପିଲାଙ୍କୁ ଟେଷ୍ଟବୁକ୍ ବଣ୍ଟନ ଏବଂ ସ୍ମାର୍ଟ ସ୍କୁଲ କାଯ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲାରେ ଶିକ୍ଷାର ଉନ୍ନତି ପାଇଁ ପ୍ରୟାସ ଜାରି ରହିବ ବୋଲି ଡିଇଓ କହିଛନ୍ତି।



ସମୀକ୍ଷା ବୈଠକରେ ଡିଇଓ ଏବଂ କାଳିମେଳା ବିଇଓ ଏବଂ ଅନ୍ୟମାନେ।

# ଶିଶୁ ସୁରକ୍ଷା, ବାଧ୍ୟତାମୂଳକ ଶିକ୍ଷା ଆଇନ ନେଇ ଆଲୋଚନା

ରାୟଗଡ଼ା ଅଫିସ,୩୦।୭

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ) ପକ୍ଷରୁ ଗୁରୁବାର ଅନ୍ଲାଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶିଶୁ ସୁରକ୍ଷା ଆଇନ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ଦୌରା ଜଜ୍ ଚିତ୍ତରଞ୍ଜନ ପାତ୍ର, ଆଡ୍‌ହକ ଅତିରିକ୍ତ ଜିଲା ଦୌରା ଜଜ୍(ଫାଷ୍ଟଟ୍ରାକ୍) ଗଣେଶ ପତି, ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ହିମାଂଶୁ ଶେଖର ବ୍ରହ୍ମା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ସୁଶାନ୍ତ କୁମାର ମିଶ୍ର, ମହିଳା କୋର୍ଟର ବିଚାରପତି ସୋନାଲ ଶର୍ମା, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରଥମ ଶ୍ରେଣୀ ବିଚାରପତି ଗୁରୁ ଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟାଧିକାରୀ ସୁଭାସିନୀ ବେହେରା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଯୁଧିଷ୍ଠିର ଦଳେଇ, ଏସ୍‌ଡିପିଓ ଆକାଶ ସାହୁ, ପାରା ଲିଗାଲ ଭଲ୍ୟୁଣ୍ଟିୟର୍ସ, ପ୍ୟାନେଲ ଓକିଲ, ଆଇନ ସେଚେତନତା କ୍ଲବର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡିଏଲ୍ଏସ୍ଏର ସଚିବ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

### କୋଭିଡ୍ ନିୟମ ମାନି ଦେଲେ ମାଟ୍ରିକ୍ ପରୀକ୍ଷା

ଟିକିରି,୩୦।୭(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକରେ ମାଟ୍ରିକ୍ ପରିକ୍ଷାର୍ଥୀ ଅଫ୍ଲାଇନ୍ ପରୀକ୍ଷା ଦେଇଛନ୍ତି। ବ୍ଲକରୁ ୩୭ ଜଣ ଫର୍ମ ପୂରଣ କରିଥିବାବେଳେ ଶୁକ୍ରବାର ୩୪ଜଣ ପରୀକ୍ଷା ଦେଇଛନ୍ତି। କାଶୀପୁର ନୋଡାଲ୍ ହାଇସ୍କୁଲରେ ୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଟିକିରି ସରକାରୀ ହାଇସ୍କୁଲରେ ୨୭ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି।

# ରାୟଗଡ଼ା ରେଳ ଡିଭିଜନ ପ୍ରତିଷ୍ଠା ଦାବି

## ରେଳମନ୍ତ୍ରୀଙ୍କୁ ସାକ୍ଷାତ କଲେ ରାଜ୍ୟସଭା ସଦସ୍ୟ

ରାୟଗଡ଼ା ଅଫିସ,୩୦।୭

ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ପ୍ରସ୍ତାବିତ ବା ମଞ୍ଜୁର ହୋଇ ରହିଥିବା ରାୟଗଡ଼ା ରେଳ ଡିଭିଜନ ଅଧ୍ୟାବଧି କାର୍ଯ୍ୟକାରୀ ହୋଇପାରୁନି। ରେଳ ଡିଭିଜନ୍‌କୁ ଶୀଘ୍ର ପ୍ରତିଷ୍ଠା କରିବା ପାଇଁ ସେ ଦାବି କରିବା ସହ ରେଳମନ୍ତ୍ରୀ ଏହି ଡିଭିଜନ ପ୍ରତିଷ୍ଠା ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଅନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଏହି ଡିଭିଜନ ପ୍ରତିଷ୍ଠା ହେଲେ ଏହି ଅଞ୍ଚଳରେ ଲୋକଙ୍କ ଆର୍ଥିକ, ସାମାଜିକ ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି। ଗୁଣପୁର–ଥେରୁବାଲି, ଜୟପୁର–ନବରଙ୍ଗପୁର, ଜୟପୁର–ମାଲକାନଗିରି ପ୍ରକଳ୍ପକୁ ତ୍ୱରାନ୍ୱିତ କରିଛନ୍ତି। ରାୟଗଡ଼ାରେ ଆର୍ଏମ୍ଏସ୍ ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ଏବେ ଓଡ଼ିଶାର ପୋଷ୍ଟାଲ ଅଫିସର ମାନଙ୍କ ଯୋଗୁ ଏହା ବନ୍ଦ ହେବ ବୋଲି ଜଣାପଡ଼ିଛି। ଏହା ବନ୍ଦ ହେଲେ ଜିଲାବାସୀ ହଇରାଣ ହେବେ ବୋଲି କୁହାଯାଇଛି। ସେହିପରି ରାୟଗଡ଼ା ବାସୀଙ୍କ ଦୀର୍ଘଦିନର ଦାବି ଯଥା ସ୍ପିଡ୍‌ପୋଷ୍ଟ ସୁବିଧା, ପାର୍ସଲ ବ୍ୟବସ୍ଥା ରାୟଗଡ଼ାରେ କରିବା ପାଇଁ ଦାବି କରାଯାଇଛି । ହୀରାଖଣ୍ଡ ଏକ୍ସପ୍ରେସ ଜଗଦଳପୁରରୁ ଭୁବନେଶ୍ୱର ଯାଉଥିବାବେଳେ ଏହା ଉପଲବ୍ଧ କରିବାକୁ ସେ ଦାବି ଜଣାଇଛନ୍ତି।



ରେଳମନ୍ତ୍ରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ୨ବର୍ଷ ହେବ ସରିଲାଣି କାମ, ହୋଇପାରୁନି ଉଦ୍‌ଘାଟନ

## ବାଲିମେଳା-ଚିତାପାରୀ ସେତୁ

କୋରୁକୋଣ୍ଡା, ୩୦।୭(ଡି.ଏନ୍.ଏ.)

କାମ ସରିବାକୁ ୨ ବର୍ଷ ହେଲାଣି। ଏବେ ସୁଦ୍ଧା କିନ୍ତୁ ଉଦ୍‌ଘାଟନ ହୋଇପାରୁନି ବାଲିମେଳା–ଚିତାପାରିକୁ ସଂଯୋଗ କରୁଥିବା ସେତୁ। ଏଥିରେ ଆଲୋକିକରଣ ବ୍ୟବସ୍ଥା ନ ଥିବାରୁ ରାତି ସମୟରେ ଉକ୍ତ ସେତୁ ଉପର ଅସାମାଜିକଙ୍କ ଭିଡ଼ ଜମୁଛି।

ମାଲକାନଗିରି ଜିଲା ବାଲିମେଳା ସଦରକୁ ଲାଗି ରହିଥିବା ପୋଟରେଲ ପଞ୍ଚାୟତକୁ ଯିବାକୁ ଦେଶୀ ଡ଼ଙ୍ଗା ମାଧ୍ୟମ ଥିଲା। ବିପଦଶଙ୍କୁଳ ଅବସ୍ଥାରେ ଯାତାୟାତ କରିବାକୁ ପଡୁଥିଲା। ତେଣୁ ସରକାର ଏହାର ସଂଯୋଗୀକରଣ ନିମନ୍ତେ ବିଜୁ ସେତୁ ଯୋଜନା ମାଧ୍ୟମରେ ଏହି ସେତୁଟି ନିର୍ମାଣ କରିଥିଲେ। କିନ୍ତୁ ନିର୍ମାଣକୁ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏଯାଏ ସେତୁ ଉଦ୍‌ଘାଟନ ହୋଇ ପାରିଲା ନାହିଁ। ଏଥିସହିତ ସେତୁରେ ଆଲୋକୀକରଣ ନିମନ୍ତେ ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ। ଏହି ସେତୁଟି ବାଲିମେଳା ସହରକୁ ଲାଗିରହିଥିଲେ ମଧ୍ୟ ଷ୍ଟ୍ରିଟ ଲାଇଟ୍ ନ ଲାଗିଥିବାରୁ ଏହା ଉପରେ ଅସାମାଜିକ ବ୍ୟକ୍ତି ମଦ୍ୟପାନ ଠାରୁ ଆରମ୍ଭ କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରୁଛନ୍ତି। ସେତୁର ଉଭୟ ପାର୍ଶ୍ୱ ଦବି ଯିବା ସହ ସହ ରାସ୍ତା ଫାଟି ଆଁ କଲାଣି। ବର୍ତ୍ତମାନ ବର୍ଷା ଦିନ ହେତୁ ଉଭୟ ପାର୍ଶ୍ୱରେ ପାଣି ଜମି ରହୁଛି। ତେବେ ଏହି ସେତୁ ହେବା ଦ୍ୱାରା ବହୁ ଗ୍ରାମବାସୀ ଉପକୃତ ହେଲେ ସତ କିନ୍ତୁ କିନ୍ତୁ ଉଦ୍‌ଘାଟନ ଓ ଆଲୋକୀକରଣର ବ୍ୟବସ୍ଥା ହୋଇ ନଥିବାରୁ ଯାତ୍ରୀମାନେ ରାତ୍ରି ସମୟରେ ବହୁ ଅସୁବିଧା ଭୋଗୁଛନ୍ତି। ଦବି ଯାଇଥିବା କାର୍ଯ୍ୟର ପୁନଃ ମରାମତି ଏବଂ ଆଲୋକୀକରଣ ବ୍ୟବସ୍ଥା କରି ସେତୁର ଉଦ୍‌ଘାଟନ କରିବାକୁ ଦାବି ହୋଇଛି।



# ଶିକ୍ଷକ ସଂଘକୁ ନେଇ ଶିକ୍ଷକଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ

ମାଲକାନଗିରି,୩୦।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ପରିଚୟ ଦେଇ ଗୁରୁବାର ଶିକ୍ଷକମାନଙ୍କ କେତେକ ଦାବି ସମ୍ପର୍କରେ ନୂତନ ଡିଇଓ ମାନସ କୁମାର ଜେନାଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ବିରୋଧ କରି ଶୁକ୍ରବାର ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଡିଇଓଙ୍କୁ ସାକ୍ଷାତ କରି ଜିଲା ପ୍ରାଥମିକ ଶିକ୍ଷକ ଓ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିସମାପ୍ତି ହୋଇଛି। ହେଲେ ତତ୍କାଳୀନ ସଭାପତି ଓ ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତା ମନ୍ଦ ଉଦ୍ଦେଶ୍ୟ ରଖି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ନ କରି ବର୍ଷାଧୀକ କାଳ ନିଜକୁ ସଂଘର କର୍ମକର୍ତ୍ତା କହି ଅନେକ ସ୍ଥାନରେ ପରିଚୟ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ସଂଘର ଧାରା ୪୮ ଉପଧାରା(୧) ଅନୁସାରେ କାର୍ଯ୍ୟକାଳ ସରିବାର ଏକମାସ ମଧ୍ୟରେ ନୂତନ କର୍ମକର୍ତ୍ତା ଚୟନ କରାଯିବା ଜରୁରୀ। ହେଲେ ତାହା ନ କରି ସଂଘର କର୍ମକର୍ତ୍ତା ବୋଲାଉଛନ୍ତି ବୋଲି ଗୁରୁବାର ଦାବିପତ୍ର ଦେଇଥିବା ଶିକ୍ଷକଙ୍କ ବିରୋଧରେ ଡିଇଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିସହ ସମସ୍ତ ବିଇଓ, ଜିଲା ପରିଷଦ ଅଧକ୍ଷ, ଜିଲା ଉନ୍ନୟନ ପିରଷଦ ଅଧକ୍ଷ, ବିଧାୟକ, ଚିତ୍ରକୋଣ୍ଡା ବିଧାୟକ, ନବରଙ୍ଗପୁର ଏମ୍ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଶିକ୍ଷକମାନଙ୍କ ତରଫରୁ ବାଲାରାଜୁ ପାଢ଼ି, ଦେବରାଜ ସାହୁ, ଅଜୟ କୁମାର ସ୍ୱାଇଁ, ଗୌରିଶ୍ୟାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ପ୍ରଶାନ୍ତ ସାମନ୍ତରାୟ, ରଂଜନ କୁମାର ମଣ୍ଡଳ, ରାମପ୍ରସାଦ ପାଢ଼ି, ଅମୃତଲାଲ ସରକାର ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ଜିଲା ଯୋଜନା ବୋର୍ଡ ଅଧକ୍ଷ

## ଜିଲା ଉନ୍ନୟନ ସମୀକ୍ଷା ବୈଠକ

ମାଲକାନଗିରି,୩୦।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ଉନ୍ନୟନ ସମୀକ୍ଷା ବୈଠକ ଶୁକ୍ରବାର ଡିଆର୍ଡିଏ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ତଥା ଜିଲା ଯୋଜନା ବୋର୍ଡ କମିଟିର ଅଧକ୍ଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା, ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି ମାଲକାନଗିରି ଜିଲାପାଳ ବିଶାଳ ସିଂ, ଡିଆର୍ଡିଏ ପିଡି ବାଳମୁକୁନ୍ଦ ଭୂୟାଁଙ୍କ ସମେତ ମାଲକାନଗିରି ବନଖଣ୍ଡ ଅଧିକାରୀ, ଉପ ଜିଲାପାଳ, ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟତଃ ଶିକ୍ଷା, ଆଦିବାସୀ ଉନ୍ନୟନ, ପାନୀୟଜଳ ଯୋଗାଣ, ଉଠା ଓ କ୍ଷୁଦ୍ର ଜଳସେଚନ, ରାସ୍ତା ଓ ଗମନାଗମନ ଏବଂ ସେତୁ ଯୋଜନା ମାଧ୍ୟମରେ କରାଯାଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ବିଷୟରେ ଆଲୋଚନା କରଯାଇଥିଲା। ସେହିପରି ସ୍ମାର୍ଟ ସ୍କୁଲ ଉପରେ ବିଶେଷ ଭାବେ ଧ୍ୟାନ ଦେବାକୁ ଜିଲା ଯୋଜନା ବୋର୍ଡ ଅଧକ୍ଷ ଡିପିସି ଏବଂ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ଅଗ୍ରଗତି ସମୀକ୍ଷା କରାଯାଇ ସେଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଚଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା ତଥା ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପାନ୍ତ ଅଞ୍ଚଳ ଏବଂ ଆନ୍ତଃରାଜ୍ୟ ସୀମାରେ ଥିବା ଗ୍ରାମ ଗଡ଼ିକ ପାଇଁ ରାସ୍ତା ଓ ଗମନାଗମନର ସୁବିଧା ଏବଂ ଶିକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ମତପ୍ରକାଶ ପାଇଥିଲା।



ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅଧିକାରୀମାନେ।

# ମାସେ ବ୍ୟାପୀ ଚାଲିବ ଆନ୍ଦୋଳନ

## ବଂଶଧାରା ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ପ୍ରସଙ୍ଗ

- ବିଧାୟକ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟାଙ୍କ ସହ ଆଲୋଚନା
- ଅଗଷ୍ଟ ୧୫ରେ ହେବ ପଦଯାତ୍ରା

ଗୁଣପୁର,୩୦।୭(ଡି.ଏନ୍.ଏ.)

ବଂଶଧାରା ଟ୍ରିବ୍ୟୁନାଲ ଜୁନ୍ ୨୧ରେ ରାୟ ପ୍ରକାଶ କରି ନେରେଡିରେ ଆନ୍ଧ୍ରର ବ୍ୟାରେଜ ନିର୍ମାଣକୁ ସବୁଜ ସଙ୍କେତ ଦେଇଛନ୍ତି। ଏହାକୁ ନେଇ ଗୁଣପୁର ଅଞ୍ଚଳରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଗୁରୁବାର ସନ୍ଧ୍ୟାରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ତଥା ଗୁଣପୁର ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ବାସ ଭବନରେ ଏ ନେଇ ଏକ ବୈଠକ କରାଯାଇଥିଲା। ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଅଗଷ୍ଟ ୧ରୁ ମାସେ ବ୍ୟାପି ବିଭିନ୍ନ ଧରଣରେ ଆନ୍ଦୋଳନ ଚାଲୁ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶୁକ୍ରାବର ସମିତିର କର୍ମକର୍ତ୍ତାମାନେ ଗୁଣପୁର ବିଧାୟର ରଘୁନାଥ ଗମାଙ୍ଗ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର ଦାସଙ୍କ ସହ ଆଲୋଚନା କରିଛନ୍ତି। ନେରେଡିରେ ବ୍ୟାରେଜ ନିର୍ମାଣ କରାଗଲେ କେତେ ଲାଭ ଓ କେତେ କ୍ଷତି ହେବ ସେ ସମ୍ପର୍କରେ ଅବଗତ କରାଯାଇଛି। ଖୁବ୍ ଶୀଘ୍ର ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଟ୍ରିବ୍ୟୁନାଲଙ୍କ ରାୟ ପରେ ଗୁଣପୁର ଏବଂ ବଂଶଧାରା ଅବବାହିକାରେ ଓଡିଶାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତା ଏବଂ ନିରବତାକୁ ନେଇ ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ଦେଖାଦେଇଛି। ତେଣୁ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଅଗଷ୍ଟ ୧ରୁ ମାସେ ବ୍ୟାପି ଆନ୍ଦୋଳନ କରାଯିବ। ଶୋଭାଯାତ୍ରା ସହ ପ୍ରତିଦିନ ବିଭିନ୍ନ ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ଦିଆଯିବ। ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ସମିତି ପକ୍ଷରୁ ଅବବାହିକା ରହୁଥିବା ଗାଁ ଯଥା ଗୁଡାରୀ ଠାରୁ ଗାଦିଆଖଳା ଯାଏ ସବୁ ଅଞ୍ଚଳର ଲୋକଙ୍କ ନେଇ ଶୋଭାଯାତ୍ରା କରାଯିବ। ଅଗଷ୍ଟ ୧୫ରୁ ପାଣିଡଙ୍ଗରରୁ ଗଜପତି ଜିଲାର ପାଲସିଂ ଯାଏ ପଦଯାତ୍ରା କରାଯିବ। ଗାଁ ଗାଁରେ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଉକ୍ତ ବୈଠକରେ ଏବଂ ଆଲୋଚନା ସମୟରେ କାର୍ଯ୍ୟକାରୀ ଅଧକ୍ଷ ଅକ୍ଷୟ ଦାସ, ସାଧାରଣ ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ସମେତ ଆବାହକ ମିଲି ପାଢି, ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ଏନଏସି ଅଧକ୍ଷ ଶିବ ପ୍ରସାଦ ଗୌଡ, ୱାଇ.ଗଣପତି, ଏସ୍.ଗଣପତି ରାଓ, ଏସ୍.ବାବା ପ୍ରସାଦ ରାଓ, ମୁନ ପାଣି, ଉମା ଶଙ୍କର ଦାସ, ଏଲ୍.ଇଶ୍ୱର ରାଓ, କୃଷ୍ଣ ସେନାପତି, ଦେବୀ ଆଚାର୍ଯ୍ୟ, ପିଙ୍କୁ ପଣ୍ଡା, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକ ଚାଲିଛି।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୩୧ ଜୁଲାଇ, ୨୦୨୧



## ବ୍ଲକ, ପୌରାଞ୍ଚଳର ଯୁବ କଂଗ୍ରେସ ସଭାପତି ଚୟନ

ନବରଙ୍ଗପୁର/ଉମରକୋଟ,(ବି.ପ୍ର./ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ସଭାପତିଙ୍କ ସୁପାରିଶ ଓ ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ଼ ସ୍ମୃତି ରଞ୍ଜନ ଲେଙ୍କାଙ୍କ ଅନୁମୋଦନରେ ୧୦ ବ୍ଲକ ଓ ୨ ମୁନିସିପାଲିଟି ସଭାପତିଙ୍କ ନାମ ଘୋଷଣା କରାଯାଇଛି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ଭାବେ ଇଂ ବିଜୟ ଝଡ଼ିଆଙ୍କ ନାମ ଅନୁମୋଦନ କରାଯାଇଛି। ନବରଙ୍ଗପୁର ବ୍ଲକ ପାଇଁ କେଶବ ଭଲ, ପାପଡାହାଣ୍ଡି ବ୍ଲକରେ ରବୀନ୍ଦ୍ର ପ୍ରଧାନ, ଡାବୁଗାଁ ବ୍ଲକରେ ପ୍ରଦୀପ କୁମାର ଜେନା (ମଣ୍ଟୁ), ଚନ୍ଦାହାଣ୍ଡି ବ୍ଲକ ପାଇଁ ମୋହନ ନାଗ, କୋଷାଗୁମୁଡା ବ୍ଲକ ପାଇଁ ଉମା ଶଙ୍କର ପାତ୍ର, ଉମରକୋଟ ବ୍ଲକ ପାଇଁ ଖଗପତି ନାୟକ, ଝରିଗାଁ ବ୍ଲକ ପାଇଁ ହିତେଶ ରାଓ ରାଇଘର ବ୍ଲକ ପାଇଁ ରାଜେନ୍ଦ୍ର ଗଣ୍ଡ, ନନ୍ଦାହାଣ୍ଡି ବ୍ଲକ ପାଇଁ ସଞ୍ଜୀବ ମିଶ୍ରଙ୍କୁ ମନୋନୀତ କରାଯାଇଛି। ସେହିଭଳି ନବରଙ୍ଗପୁର ପୌରପାଳିକା ପାଇଁ ଦିଲ୍ଲୀପ ଚୌଧୁରୀ ଏବଂ ଉମରକୋଟ ପାଇଁ ନୀଳମାଧବ ନାୟକଙ୍କ ନାମ ଅନୁମୋଦନ କରାଯାଇଛି।

**ସଂକ୍ଷେପରେ**

## ବାଇକ୍ ସହ ଗଞ୍ଜେଇ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ




ବୈପାରିଗୁଡ଼ା, ୩୦।୭(ଡି.ଏନ୍.ଏ.) ବୈପାରିଗୁଡ଼ା ପୋଲିସ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବୈପାରିଗୁଡ଼ା ଥାନା ଅଧୀନ ଚନ୍ଦ୍ରପଡ଼ା ପଞ୍ଚାୟତ ଦୋରାଗୁଡ଼ା ଗ୍ରାମର ଦୈତାରି ହନ୍ତାଳ (୪୦)। ପୋଲିସ ତାଙ୍କଠାରୁ ୬୫ କିଲୋ ଗଞ୍ଜେଇ ସହ ସେ ବ୍ୟବହାର କରୁଥିବା ବାଇକ୍ ପୋଲିସ ଜବତ କରିଛି। ୧୧୮/୨୧ରେ ପୋଲିସ ମାମଲା ରୁଜୁ କରିଛି।

## କୋରାପୁଟରେ ଅବକାରୀ ଚଢ଼ାଉ

କୋରାପୁଟ,୩୦।୭(ସ୍ୱ.ପ୍ର.)- କୋରାପୁଟ ଅବକାରୀ ଅଧୀକ୍ଷକ ମୋନଜ କୁମାର ସେଠୀଙ୍କ ନିର୍ଦ୍ଦେଶ ଓ ଅବକାରୀ ନିରୀକ୍ଷକ ତେଜରାଜ ଜାନିଙ୍କ ନେତୃତ୍ୱରେ ଶୁକ୍ରବାର ସଦର ବ୍ଲକ ମାଥାଲପୁଟ ଗ୍ରାମରେ ଚଢାଉ କରାଯାଇଛି। ସେଠାରୁ ୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଭୋଗୁ ଚୌଧୁରୀଙ୍କୁ ଗିରଫ କରାଯାଇ ସଦର ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ କୋରାପୁଟ ଅବକାରୀ ନିରୀକ୍ଷକଙ୍କ ସହ ଡିଏଫ୍ଏସ ନିରୀକ୍ଷକ ବିଶ୍ୱେଶ୍ୱର ବାଣୁଆ, ଅବକାରୀ ବିଭାଗ ସଦର ଓଆଇସି ଦିଲୀପ କୁମାର ରଥଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ।

## କରୋନାରେ ଜଣେ ମୃତ, ୨ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୩୦।୭(ସ୍ୱ.ପ୍ର.)- କୋରାପୁଟ ଜିଲାରେ କରୋନା ଧୀରେ ଧୀରେ ନିମ୍ନଗାମୀ ହେବାରେ ଲାଗିଛି। ଶୁକ୍ରବାର ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ଚିହ୍ନଟ ହୋଇଥିବା ଆକ୍ରାନ୍ତ କୋରାପୁଟ ସହରର ଗୌତମ ନଗର ଓ ସଦର ଅଞ୍ଚଳର ବୋଲି ଜଣାପଡିଛି। ଜିଲାରେ ୧୫୭ ସକ୍ରିୟ ମାମଲା ରହିଛି। ମୃତ୍ୟୁ ସଂଖ୍ୟା ୭୨ରେ ପହଞ୍ଚିଛି।

## ୪୦୭ ଚକା ତଳେ ପଡ଼ି ଶିଶୁକନ୍ୟା ମୃତ

ଜୟପୁର, ୩୦।୭ (ନି.ପ୍ର.)- ଜୟପୁର ସଦର ଥାନା ଅଧୀନ ସଲପା ଗ୍ରାମରେ ଦୁର୍ଘଟଣା ଘଟି ଜଣେ ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ସେ ହେଲେ ମଧୁ ପୂଜାରୀଙ୍କ ଝିଅ ଦୀପିକା (୭)। ଘର ବାହାରେ ଯାଉଥିବାବେଳେ ୪୦୭ଟି ତାଙ୍କୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ହିଁ ପିଲାଟିର ମୃତ୍ୟୁ ହୋଇଯାଇଛି। ଖବରପାଇ ଜୟପୁର ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରକ୍କୁ ଜବତ କରାଯାଇଥିବା ସଦର ଥାନାଧିକାରୀ ଆଦିତ୍ୟ ମହାକୁଡ଼ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଅଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଯୋଗଦେଲେ ନୂତନ ବିଡିଓ



ଡାବୁଗାଁ, ୩୦।୭ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ନୂତନ ବିଡିଓ ଭାବେ ଶରତ ମାଝି ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ କୋରାପୁଟ ଜିଲା ସେମିଳିଗୁଡ଼ା ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ଡାବୁଗାଁ ପୂର୍ବତନ ବିଡିଓ ରଞ୍ଜିତା ମେରି ନାୟକଙ୍କୁ ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ନୂତନ ବିଡିଓ ଶରତ ମାଝିଙ୍କୁ ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ ଓ ଅନ୍ୟ କର୍ମଚାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହା ବ୍ୟତୀତ ଡାବୁଗାଁ ପ୍ରେସ୍ କ୍ଲବ ସଭାପତି ପ୍ରଜ୍ଞା ରଞ୍ଜନ ପରିଡ଼ା, ଉପସଭାପତି ଗଗନ ଗନ୍ତାୟତ, ସମ୍ପାଦକ ମିହିର ଶଙ୍କର ପାତ୍ର, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡା, ବରିଷ୍ଠ ଖବରଦାତା ତଥା ଉପଦେଷ୍ଟା ରବି ନାରାୟଣ ମହାନ୍ତି, ଜି. ବିନୋଦ କୁମାର, ଗଣେଶ ଛତ୍ର, ପଦ୍ମ ଭତ୍ରା ଓ କୃଷ୍ଣ ଭତ୍ରା ପ୍ରମୁଖ ନୂତନ ବିଡିଓଙ୍କୁ ସ୍ୱାଗତ କରିଥିଲେ। ପ୍ରକାଶ ଯେ, ଗତ ୧୭ ତାରିଖରେ ଡାବୁଗାଁ ବିଡିଓ ରଞ୍ଜିତା ମେରି ନାୟକଙ୍କୁ ସେମିଳିଗୁଡ଼ା ବଦଳି କରାଯାଇଥିଲା। କୋଷାଗୁମୁଡ଼ା ବ୍ଲକ ଏବିଡିଓ ବିଶ୍ୱନାଥ ରାଉତଙ୍କୁ ଡାବୁଗାଁ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

# କୋଭିଡ୍ କଟକଣାରେ ଅଫ୍‌ଲାଇନ ମାଟ୍ରିକ୍ ପରୀକ୍ଷା

କୋରାପୁଟ/ଜୟପୁର/ ନାରାୟଣପାଟଣା/ ନବରଙ୍ଗପୁର/ ଉମରକୋଟ ୩୦।୭(ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ./ବି.ପ୍ର.)




କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ଛାତ୍ରୀମାନଙ୍କ ଥର୍ମାଲ ସ୍କ୍ରିନିଂ ସହ ହାତ ସାନିଟାଇଜ୍ କରାଯାଉଛି।

କୋଭିଡ୍ କଟକଣା ଭିତରେ ମାଟ୍ରିକ୍ ଅଫ୍‌ଲାଇନ ପରୀକ୍ଷା ଆରମ୍ଭ ହୋଇଛି। ଅନ୍‌ଲାଇନ ଫଳାଫଳରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରମାନେ ଏହି ଅଫ୍‌ଲାଇନ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ବ୍ୟତୀତ ରେଗୁଲାର, ଏକ୍ସ-ରେଗୁଲାର, ସିସି ରେଗୁଲାର, ସିସି ଏକ୍ସ-ରେଗୁଲାର, ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପିଲାମାନେ ପରୀକ୍ଷା ଦେଉଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ, କେନ୍ଦ୍ରରେ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାରଠାରୁ ଆସନ୍ତା ଅଗଷ୍ଟ ୫ ତାରିଖ ଯାଏ ପରୀକ୍ଷା ହେବ। ପ୍ରତିଦିନ ପୂର୍ବାହ୍ନ ୧୦ରୁ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। କେବଳ ଗଣିତ ଦିନ ୧୫ ମିନିଟ ଅଧିକା ସମୟ ମିଳିବ।

କୋରାପୁଟ ଜିଲାର ୪୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଡିଇଓ ରାମଚନ୍ଦ୍ର ନାହାକ କହିଛନ୍ତି। ଏଚ୍ଏସ୍‌ସିର ୩୦୮ ଓ ଏସ୍ଓଏସ୍‌ରେ ୧୭୭ ଜଣ ପରୀକ୍ଷା ଦେଇଥିବା ସୂଚନା ମିଳିଛି। କୋରାପୁଟ ସରକାରୀ ହାଇସ୍କୁଲସ୍ଥିତ କେନ୍ଦ୍ରରେ ୨ଟି କୋଭିଡ୍ ଆଇସୋଲେଶନ ହଲ୍ ରହିଥିବା ପରୀକ୍ଷା ଅଧୀକ୍ଷକ ରଶ୍ମିରଞ୍ଜନ ସେଠୀ ସୂଚନା ଦେଇଛନ୍ତି। କୋରାପୁଟ ସରକାରୀ ହାଇସ୍କୁଲ କେନ୍ଦ୍ରରେ ୧୧୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୫ଜଣ ପରୀକ୍ଷା ଦେଇଥିଲେ। ଡିଇଓ ଏବଂ ଜିଲା ବିଜ୍ଞାନ ସୁପରଭାଇଜର ସେମିଳିଗୁଡ଼ା, ପଟ୍ଟାଙ୍ଗୀ ଓ ନନ୍ଦପୁର ପରୀକ୍ଷାକେନ୍ଦ୍ରକୁ ଯାଇ ପରିଦର୍ଶନ କରିଥିଲେ।

ଜୟପୁରଠାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜଗଦୀଶ ଚନ୍ଦ୍ର ନାୟକ ହାଇସ୍କୁଲରେ ୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି।

ନାରାଣପାଟଣା ବ୍ଲକର ୯ ସ୍କୁଲର ୩୪ଜଣ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮ଜଣ ପରୀକ୍ଷା ଦେଇଛନ୍ତି। ଏକ୍ସ-ରେଗୁଲାର, ଏଚ୍ଏସ୍‌ସି ଓ ମଧ୍ୟମ ସମସ୍ତ ବର୍ଗର ୨୮ଜଣ ପରୀକ୍ଷା ଦେଇଛନ୍ତି। ବିଡିଓ ଯଦୁମଣି ନାୟକ ଉପସ୍ଥିତ ରହି ତଦାରଖ କରିଥିଲେ। ଶିକ୍ଷକମାନେ କରୋନା ନେଗେଟିଭ ରିପୋର୍ଟ ଦେଇ କେନ୍ଦ୍ରକୁ ଯାଇଥିଲେ। ପ୍ରଦୀପ କୁମାର ନାଗ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ବାହାରେ ପୋଲିସ ନିୟୋଜିତ ଥିଲା।

ନବରଙ୍ଗପୁର ଜିଲାର ୮ଟି ପରୀକ୍ଷା କେନ୍ଦ୍ରରେ ୧୫୬ଜଣ ପରୀକ୍ଷା ଦେଇଛନ୍ତି। ରେଗୁଲାର ପରୀକ୍ଷାର୍ଥୀ ୯୨, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ୬୮ ଜଣ ପରୀକ୍ଷା ଦେଇଥିବା ଡିଇଓ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆର୍‌ସିଡି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩୧, କୋଷାଗୁମୁଡ଼ା ସରକାରୀ ହାଇସ୍କୁଲରେ ୭, ପାପଡ଼ାହାଣ୍ଡି ନୂତନ ସରକାରୀ ହାଇସ୍କୁଲରେ ୩୧, ତେନ୍ତୁଳିଖୁଣ୍ଟି ସରକାରୀ ହାଇସ୍କୁଲରେ ୪, ଦହଣା ହାଇସ୍କୁଲରେ ୬, ଝରିଗାଁ ହାଇସ୍କୁଲରେ ୭, ଉମରକୋଟ ସରକାରୀ ଏସ୍ଏସ୍ ହାଇସ୍କୁଲରେ ୧ ଏବଂ ରାଇଘର ସରକାରୀ ଏସ୍ଏସ୍‌ଡି ହାଇସ୍କୁଲରେ ୫ଜଣ ପରୀକ୍ଷା ଦେଇଛନ୍ତି। ବୋର୍ଡ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗୋଟିଏ ଲେଖାଏଁ ସ୍କ୍ୱାଡ୍ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ।

## କାଦୁଅରାସ୍ତା ଦେଇ ପରୀକ୍ଷା ଦେବାକୁ ଗଲେ ଛାତ୍ରୀଛାତ୍ର

ଦଶମନ୍ତପୁର, ୩୦।୭(ଡି.ଏନ୍.ଏ.)




ସ୍କୁଲକୁ ସଂଯୋଗ କରୁଥିବା କାଦୁଅରାସ୍ତା।

ଦଶମ ଶ୍ରେଣୀ ଅଫ୍‌ଲାଇନ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ଅନ୍‌ଲାଇନ ପରୀକ୍ଷାରେ ସନ୍ତୁଷ୍ଟ ନ ଥିବା ଛାତ୍ରୀଛାତ୍ରମାନେ ଅଫ୍‌ଲାଇନ ପରୀକ୍ଷା ପାଇଁ ଫର୍ମଫିଲପ୍ କରିଥିଲେ। ସେମାନଙ୍କ ପାଇଁ ବିଭିନ୍ନ ବ୍ଲକରେ ପରୀକ୍ଷା କେନ୍ଦ୍ର କରାଯାଇଛି। କିନ୍ତୁ ଦଶମନ୍ତପୁରର ଏକ ପରୀକ୍ଷା କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି। କାଦୁଅ ରାସ୍ତା ଦେଇ ପିଲାମାନେ ପରୀକ୍ଷା କେନ୍ଦ୍ରକୁ ଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଦଶମନ୍ତପୁର ବ୍ଲକ ସଦରମହକୁମାସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ୪ ହାଇସ୍କୁଲର ୨୨ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମଫିଲପ କରିଥିଲେ। ସେମାନଙ୍କ ମଧ୍ୟରୁ ୧୮ ଜଣ ପରୀକ୍ଷା ଦେଇଥିଲେ ବୋଲି ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ନାୟକ ସୂଚନା ଦେଇଛନ୍ତି। ଏଠାରେ ୪ ଜଣ ଆଶା ଏବଂ ଅଙ୍ଗନୱାଡି କର୍ମୀ ମଧ ପରୀକ୍ଷା ଦେଇଥିବା ସେ କହିଛନ୍ତି। ପରୀକ୍ଷାର୍ଥୀମାନେ କାଦୁଅ ରାସ୍ତା ଦେଇ କେନ୍ଦ୍ରକୁ ଯାଉଥିଲେ।

**ମାଟ୍ରିକ ପରୀକ୍ଷା ଦେଲେ ୪ ଆଶା, ଅଙ୍ଗନୱାଡି କର୍ମୀ**

ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପରୀକ୍ଷା ପୂର୍ବରୁ କ'ଣ ପାଇଁ ଉକ୍ତ ରାସ୍ତାକୁ ତିଆରି କରାଯାଇନାହିଁ ବୋଲି ପିଲାମାନେ ପ୍ରଧାନ ଶିକ୍ଷକଙ୍କୁ ପ୍ରଶ୍ନ କରିଥିଲେ।

ବ୍ଲକ ପ୍ରଶାସନ ଦ୍ୱାରା ଏହି ରାସ୍ତା ତିଆରି କରାଯାଇଥାନ୍ତା ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ବିଡିଓ ଉମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତାରେ ମାଟି ପକାଯିବ। ପରେ ଏହାର ସ୍ଥାୟୀ ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

## ୨୦ ଲକ୍ଷ ବ୍ୟୟରେ ତିଆରି ଚାଲିଛି ସ୍ମାର୍ଟ କ୍ଲାସ୍ ରୁମ୍

କୋଟପାଡ଼, ୩୦।୭(ଡି.ଏନ୍.ଏ.)



ମୋ ସ୍କୁଲ ଅଭିଯାନ କମିଟି ସ୍ମାର୍ଟ କ୍ଲାସ ରୁମ୍ କାର୍ଯ୍ୟ ତଦାରଖ କରୁଛନ୍ତି।

କୋରାପୁଟ ଜିଲା କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମୋ ସ୍କୁଲ ଅଭିଯାନ କମିଟି ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଭିଯାନ ମାଧ୍ୟମରେ ଆସିଥିବା ଟଙ୍କା ସ୍କୁଲ ଉନ୍ନୟନ କାର୍ଯ୍ୟରେ କିପରି ନିୟୋଜିତ ହେଉଛି, ସେ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ବିଶ୍ୱାଳ କହିଥିଲେ।

ରାଜ୍ୟ ସରକାର ମୋ ସ୍କୁଲ ଅଭିଯାନରେ ୪୫ ଲକ୍ଷ ଅନୁଦାନ ଯୋଗାଇଛନ୍ତି। ସ୍ମାର୍ଟ କ୍ଲାସ ରୁମ୍ ପାଇଁ ୨୦ ଲକ୍ଷ, ଇଣ୍ଡୋର ଷ୍ଟାଡିୟମ ପାଇଁ ୧୦ ଲକ୍ଷ, ଲାଇବ୍ରେରି ପାଇଁ ୫ ଲକ୍ଷ, ସ୍ମାର୍ଟ ଟ୍ୟଲେଟ୍ ପାଇଁ ୫ ଲକ୍ଷ ଓ ସାଇନ୍ସ କ୍ଲାସ ରୁମ ପାଇଁ ୫ ଲକ୍ଷ ଖର୍ଚ୍ଚ କରିବାକୁ କୁହାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମସ୍ତ କାର୍ଯ୍ୟ ତୁଲାଇବ। ଟେଣ୍ଡର କରାଯାଇ ସ୍ମାର୍ଟ କ୍ଲାସ ରୁମ୍ କାମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକୁ କମିଟି ତଦାରଖ କରିଛନ୍ତି। ବିଦ୍ୟାଳୟର ପଛପାଖ ପାଚେରି ଭାଙ୍ଗିଥିବାର ଉନ୍ନୟନ କାମ ପାଇଁ କିଣାଯିବାକୁ ଥିବା ସାମଗ୍ରୀ ଚୋରି ହେବାର ସମ୍ଭାବନା ଥିବା କହି କମିଟି ଚିନ୍ତା ପ୍ରକଟ କରିଥିଲେ। ଭଲ ଉନ୍ନତ ମାନର ଜିନିଷ କିଣିବା ପାଇଁ କମିଟି ପକ୍ଷରୁ ଏକ ଟିମ୍ ଗଠନ କରାଯାଇଥିବା ସୂଚନା ମିଳିଛି। ଉକ୍ତ କାର୍ଯ୍ୟଗୁଡ଼ିକ ଅଗଷ୍ଟ ୩୦ ସୁଦ୍ଧା ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମୋ ସ୍କୁଲ ଅଭିଯାନ କମିଟି ସଭ୍ୟ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଏମ୍. ଶଙ୍କର ରାଓ, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ନାୟକ, ସୁଶାନ୍ତ ବକ୍ସ, ସୁଧୀର ଚନ୍ଦ୍ର ମହାନ୍ତି, ଅଜିତ ପାତ୍ର, ଦେବୀ ପ୍ରସାଦ ପଣ୍ଡା, ଆରିଫ ପଟେଲ, ସନ୍ତୋଷ ଦୁବେ, ଦେବେନ୍ଦ୍ର ବୌଦ, ରାଜଶେଖର, ସୁନୀଲ ତ୍ରିପାଠୀ, ବିଜ୍ଞାନ ଶିକ୍ଷକ କିରଣ ମିଶ୍ର, ଖେଳ ଶିକ୍ଷକ ପ୍ରଦୀପ ଗୌଡ଼ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ମଦ, ପୋଚ ନଷ୍ଟ କଲା ଅବକାରୀ ବିଭାଗ, ୨ ଗିରଫ

ଉମରକୋଟ/କୋଡିଙ୍ଗା, ୩୦।୭(ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଅବକାରୀ ଚଢାଉ କରାଯାଇଛି। ଉମରକୋଟରେ ଜବତ ମଦ ପୋଚକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ସେହିଭଳି କୋଡିଙ୍ଗାରେ ଦେଶୀ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ଝରିଗାଁ ଥାନା ଅଧୀନ ତାରବେଡା ଗ୍ରାମରେ ମଦ ତିଆରି ଚାଲିଥିବା ଖବରପାଇ ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଅବକାରୀ ବିଭାଗ ସେଠାରେ ପହଞ୍ଚି ଚଢାଉ କରିଥିଲା। ଘଟଣାସ୍ଥଳରୁ ୫୦୦ ଲିଟର ପୋଚ ସହ ୨୦ ଲିଟର ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଓଆଇସି ମନୁ ଇଆଲ, ଜୋଛନା ହରିଜନ, କୁସ ଜାଲ ପ୍ରମୁଖ ସାମିଲ ହୋଇଥିଲେ। ନବରଙ୍ଗପୁର ଅବକାରୀ ନିରୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ କୋଷାଗୁମୁଡା ବ୍ଲକର ଟିର୍ମା, ଗଦବାଗୁଡା, ରାଜୋଡା ଅଞ୍ଚଳରେ ଚଢାଉ କରାଯାଇ ପ୍ରାୟ ୧୦୦ ଲିଟର ଦେଶୀ ମଦ ଓ ୮ ହଜାର ଲିଟର ପୋଚକୁ ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟିର୍ମା ଗ୍ରାମର ଗଜମୋତି ମୁରିଆ(୪୮) ଓ ତୁଳାବତୀ ଗୌଡ (୩୦)। ଆଗକୁ ପୁଣି ଜୋରଦାର ଚଢାଉ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢାଉରେ ଅବକାରୀ ଉପନିରୀକ୍ଷକ ହାର ପ୍ରସାଦ ରଣା, କମ୍ବୁପାଣି ସିନ୍ଧୁର, ସହ ଉପନିରୀକ୍ଷକ ରାଜେନ୍ଦ୍ର ପଟ୍ଟନାୟକ, ଜଗବନ୍ଧୁ ଯାନୀ, ସୁବ୍ରତ କୋଶୋରୀ ହିରନ, କନଷ୍ଟେବଳ ଦେବେନ୍ଦ୍ର ସମରଥ, ଆକ୍ରମ ଖାନ, ରେସମା ସୁନା, ତ୍ରିନାଥ ସଉରା, ମହେନ୍ଦ୍ରଭତରା, ରିନା ବଡନାୟକ, ଶ୍ରୀକାନ୍ତ ବିଶୋଇ, ରଞ୍ଜିତ ସିଂ ପ୍ରମୁଖ ସାମିଲ ଥିଲେ।

## ସରିଲା ଉପନିର୍ବାଚନ

ଚନ୍ଦାହାଣ୍ଡି, ୩୦।୭(ଡି.ଏନ୍.ଏ.)

**ଗୋରେଖନାଥ ଚନ୍ଦାହାଣ୍ଡି ଅଧ୍ୟକ୍ଷ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ଫଟକି ସମିତିସଭ୍ୟ ମଧୁସୂଦନ ପୂଜାରୀଙ୍କ ପ୍ରସ୍ତାବ ଓ ବେହେରାମୁଣ୍ଡା ସମିତିସଭ୍ୟ ସୁମନି ସୋରିଙ୍କ ସମର୍ଥନ କ୍ରମେ ଜମାଦାରପଡା ସମିତିସଭ୍ୟ ଗୋରେଖନାଥ ପୂଜାରୀ ପ୍ରଥମେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କୁ ସହମତି ଜଣାଇ ଅନ୍ୟ କେହି ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ ସୀମାଞ୍ଚଳ ମାଝି ଗୋରେଖ ନାଥ ପୂଜାରୀଙ୍କୁ ଅଧ୍ୟକ୍ଷ ଘୋଷଣା କରିଛନ୍ତି।

ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକଙ୍କ ଏପ୍ରିଲ ୩୦ରେ ମୃତ୍ୟୁ ହୋଇ ଯାଇଥିବାବେଳେ ଉପାଧ୍ୟକ୍ଷା ସୁଭଦ୍ରା ସିହ୍ନାଙ୍କୁ ପ୍ରଶାସନ ପକ୍ଷରୁ କାମଚଳା ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା। ଜୁଲାଇ ୧୪ ତାରିଖରେ ନିର୍ବାଚନ ସାରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଉପାଧ୍ୟକ୍ଷା ଓବିସି ବର୍ଗର ହୋଇଥିବାରୁ ଓବିସି ବର୍ଗଙ୍କ ସମ୍ମାନ ପାଇଁ ବ୍ଲକର ସମସ୍ତ ସମିତିସଭ୍ୟ ସହମତି ଜଣାଇ କେହି ମଧ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। କିନ୍ତୁ ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ଥିବାରୁ ନିର୍ବାଚନ କମିଶନ ପୁନର୍ବାର ଜୁଲାଇ ୩୦ ତାରିଖରେ ଅଧ୍ୟକ୍ଷ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଥିଲେ। ଏହି ଉପନିର୍ବାଚନରେ ଉମରକୋଟ ତହସିଲଦାର, ଡିପିଓ ଶିଶିର କୁମାର ପାଣି ନିର୍ବାଚନ ଅଧିକାରୀଭାବେ ଯୋଗ ଦେଇଥିଲେ। ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ତହସିଲଦାର ଜି. ରଶ୍ମିରେଖା, ଜିପିଇଓ ସୁରେନ୍ଦ୍ର ମହାନ୍ତି, ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ ନିର୍ବାଚନ କାର୍ଯ୍ୟ ତଦାରଖ କରୁଥିଲେ। ଉପାଧ୍ୟକ୍ଷା ସୁଭଦ୍ରା ସିହ୍ନା, ସମିତି ସଭ୍ୟ ନୀଳମଣି ଗୌଡ଼, ତ୍ରିନାଥ ଦାସ, ଝୁମୁକା ସାହୁ , ସନ୍ଧ୍ୟାରାଣୀ ମାଝି, ସୁମନି ସୋରି, ଜ୍ୟୋସ୍ନା ନାୟକ, ସୁକାନ୍ତି ଗୋପାଳ, ଅହଲ୍ୟା ମାଝିଙ୍କ ସମେତ ବ୍ଲକ ବିଜେଡିର ସମସ୍ତ କର୍ମକର୍ତ୍ତା ନିର୍ବାଚିତ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ।

## ୨କି.ମି. ଖଟିଆରେ ବୁହାହେଲେ ରୋଗୀ

ଉମରକୋଟ, ୩୦।୭(ସ୍ୱ.ପ୍ର.)



ଗ୍ରାମବାସୀ ଖଟିଆରେ ମନଦେଇଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଛନ୍ତି।

ଦୁର୍ଗମ ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତା, ତେଣୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ। ଖଟିଆରେ ବୁହା ହେଲେ ଗୁରୁତର ରୋଗୀ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉମରକୋଟ ବ୍ଲକ କୁର୍ସି ପଞ୍ଚାୟତ ରାବନାଗୁଡା ଗ୍ରାମରେ।

ଗାଁର ମନଦେଈ ଭତ୍ରା ଜର ହେଉଥିଲା। ତାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡକା ଯାଇଥିଲା। ଆମ୍ବୁଲାନ୍ସ ଆସିଥିଲା କିନ୍ତୁ ବିପର୍ଯ୍ୟସ୍ତ ଓ କାଦୁଅ ପଚପଚ ରାସ୍ତା ଯୋଗୁ ଗାଁ ଭିତରକୁ ଯାଇ ପାରି ନ ଥିଲା। ୨ କିଲୋମିଟର ଦୂର ଜାମଧୋଡ଼ି ନିକଟରେ ଅଟକି ରହିଥିଲା। ଗ୍ରାମବାସୀ ଖଟିଆ ମନଦେଇଙ୍କୁ ୨କି.ମି. ବୋହି ଆମ୍ବୁଲାନ୍ସ ପାଖକୁ ଆଣିଥିଲେ।

**ରାସ୍ତା ଖରାପ ଯୋଗୁ ଗାଁ କୁ ଗଲାନି ଆମ୍ବୁଲାନ୍ସ**

ତେବେ ଏହି ରାସ୍ତା ମରାମତି ପାଇଁ ବାରମ୍ବାରର ସରପଞ୍ଚଙ୍କୁ ଅଭିଯୋଗ କଲା ପରେ ମଧ ତିଆରି ହେଉନଥିବାରୁ ଗ୍ରାମବାସୀ କହିଛନ୍ତି। ତୁରନ୍ତ ରାସ୍ତାକୁ ପକ୍କା କରା ନ ଗଲେ ରାସ୍ତାକୁ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ରାସ୍ତା ସମ୍ପର୍କରେ ଉମରକୋଟ ବିଡିଓ ଦେବୀ ପ୍ରସାଦ ଟାଲୀଙ୍କୁ ପଚାରିବାରୁ, ଘଟଣାର ଅନୁଧ୍ୟାନ କରି ଶୀଘ୍ର ରାସ୍ତା ତିଆରି କରାଯିବ ବୋଲି ସେ କହିଛନ୍ତି।

## ସାର ଯୋଗାଣ ଦାବି

ନବରଙ୍ଗପୁର,୩୦।୭ (ବି.ପ୍ର.)

ଚଳିତ ଖରିଫ ଚାଷ ପାଇଁ ସ୍ୱଳ୍ପ ବର୍ଷା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଜିଲାର ୮୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ଚଳିତ ଖରିଫ ଋତୁରେ ଧାନ ସହ ମକା ଚାଷ କାର୍ଯ୍ୟ ଆଗେଇ ଚାଲିଛି। ସ୍ୱଳ୍ପ ବର୍ଷା ସହ ଲ୍ୟାମ୍ପସରେ ୟୁରିଆ, ଡିଏପି ଆଦି ରସାୟନ ସାର ଅଭାବ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ସାର ଅଭାବ ଯୋଗୁ କଳାବଜାର ବଢିଛି। ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ସାରକୁ ଛଡା ଦରରେ ବିକ୍ରି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଜିଲାର ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସରେ ପର୍ଯ୍ୟାପ୍ତ ପରିମାଣ ସାର ଯୋଗାଇ ଦେବା ଆବଶ୍ୟକ ରହିଛି। ଚଢାଦରରେ ସାର ବିକ୍ରି କରୁଥିବା ବ୍ୟବସାୟୀଙ୍କ ବରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା ଜିଲା କୃଷି ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଲିଖିତ ନିବେଦନ କରିଛନ୍ତି। ଏହି ପତ୍ର ପ୍ରଦାନ ବେଳେ ଜିଲା ଯୁବ କଂଗ୍ରେସ ସଭାପତିଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଦସ୍ୟା ତୁଳସା ଭତ୍ରା, ପୂର୍ବତନ ଛାତ୍ର ସଭାପତି ସଞ୍ଜୟ ନାୟକ, ଯୁବନେତା ସୁମିତ ପୂଜାରୀ ଏବଂ ବଳରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦଳକୁ ସୁଦୃଢ କରିବାକୁ ଆହ୍ୱାନ

ପଟ୍ଟାଙ୍ଗୀ, ୩୦।୭(ଡି.ଏନ୍.ଏ.)

କଂଗ୍ରେସ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ନବରଙ୍ଗପୁରର ପୂର୍ବତନ ଏମ୍ପି ପ୍ରଦୀପ ମାଝି ଦିନିକିଆ କୋରାପୁଟ ଗସ୍ତ କରିଛନ୍ତି। ସେ ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗୀ ବ୍ଲକର ସିପାଇପୁଟରେ ପହଞ୍ଚି ଦଳୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି।

ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ମାଲକାନଗିରି ଜିଲା ପୂର୍ବତନ ବିଧାୟକ ନିମାଇଁ ସରକାର, କୋରାପୁଟର କୃଷ୍ଣଚନ୍ଦ୍ର କୁଲଦୀପ, ରୂପକ ତୁରୁକ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଦଳକୁ ପଞ୍ଚାୟତ ନିର୍ବାଚନରେ କିପରି ସଫଳତା ମିଳିବ ସେ ନେଇ ସାଙ୍ଗଠନିକ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏବେଠାରୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପଡ଼ିବ। ଆନ୍ଧ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀ ଓ ରାଜନେତା ବ୍ଲକର ସୀମାନ୍ତ କୋଟିଆ ପଞ୍ଚାୟତକୁ ବାରମ୍ବାର ଅନୁପ୍ରବେଶ କରୁଥିବା ସମ୍ପର୍କରେ ଦଳୀୟ କର୍ମୀଙ୍କଠାରୁ ପଚାରି ବୁଝିଥିଲେ। ଓଡ଼ିଶା ସରକାର ସେଠାରେ କ'ଣ ଉନ୍ନୟନ କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ବୁଝିଥିଲେ। ନିକଟରେ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଦଳୀୟ କର୍ମୀଙ୍କ ସହ ମିଶି ପ୍ରଦୀପ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ନନ୍ଦପୁର ବ୍ଲକ ସଭାପତି କାମେସ କାମଡି, ସେମିଳିଗୁଡା ବ୍ଲକ ସଭାପତି ସନିଆ ମାଝି, ପଟ୍ଟାଙ୍ଗୀ ବ୍ଲକ ସଭାପତି ଅର୍ଜୁନ ବାଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ବିମାଳା ପାଙ୍ଗୀ, ଗୋବିନ୍ଦ ଖରା, ଏମ୍ପି ପ୍ରତିନିଧି ଜଗତରାଏ ଖିନିବୁଡି ଓ ଅଭି ଲବୁଡୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଦୀପ ମାଝି ଦଳୀୟ କର୍ମୀଙ୍କସହ ଆଲୋଚନା କରୁଛନ୍ତି।

## ପ୍ରତିଶ୍ରୁତି ରଖିଲାନି ପ୍ରଶାସନ, ପୁଣି ରାସ୍ତାକୁ ଓହ୍ଲାଇଲେ ଚାଷୀ

ଉମରକୋଟ, ୩୦।୭(ସ୍ୱ.ପ୍ର.)



ଚାଷୀମାନେ ଉମରକୋଟ-ରାଇଘର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

ଉମରକୋଟରେ ସାର ଅଭାବ। ଚାଷୀଙ୍କୁ ମିଳୁନି ୟୁରିଆ। ଶୁକ୍ରବାର ସୁଦ୍ଧା ଚାଷୀଙ୍କୁ ସାର ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ତାହା ପୂରଣ ନ ହେବାରୁ ଚାଷୀମାନେ ଶୁକ୍ରବାର ରାସ୍ତାରୋକୋ କରିଥିଲେ। ଏହି ସମୟରେ ପୋଲିସ ଏବଂ ଉତ୍ତ୍ୟକ୍ତ ଚାଷୀ ଧସ୍ତାଧସ୍ତି ହୋଇଥିବା ନଜରକୁ ଆସିଛି।

ସୂଚନା ଅନୁଯାୟୀ, ସାର ଯୋଗାଣ ଦାବିରେ କିଛି ଦିନ ତଳେ ଉମରକୋଟରେ ଚାଷୀମାନେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ତହସିଲ ଅଫିସ ଘେରାଉ ସହ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଅଧିକାରୀମାନେ ଶୁକ୍ରବାର ସୁଦ୍ଧା ଚାଷୀଙ୍କୁ ସାର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରଶାସନ ପ୍ରତିଶ୍ରୁତି ରଖିବାରେ ଅସମର୍ଥ ହୋଇଥିଲା। ପ୍ରତିଦିନ ଚାଷୀ ଉମରକୋଟ ଆର୍‌ସିଏମ୍ଏସ୍‌କୁ ଆସି ସାର ନ ପାଇ ଖାଲି ହାତରେ ଫେରୁଛନ୍ତି। ପ୍ରତିବାଦରେ ଶୁକ୍ରବାର ସେମାନେ ଉମରକୋଟ ରାଇଘର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କଂଗ୍ରେସ ନେତା ତପନ ଦେବନାଥ, ମୁନା ପାଢ଼ୀ, ମାର୍କଣ୍ଡ ସାହୁ, ନୀଳମାଧବ ନାୟକ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଉତ୍ତ୍ୟକ୍ତ ଚାଷୀ ସେଠାରୁ ଯାଇ ସାର ଫେଡେରେଶନଠାରେ ଏକତ୍ରିତ ହୋଇ ଦାବି ଜଣାଇଥିଲେ। ସାର ଆସିନାହିଁ ବୋଲି କର୍ମଚାରୀ କହିଥିଲେ ମଧ ସେମାନେ ବୁଝି ନ ଥିଲେ। ଏହି ସମୟରେ ପୋଲିସ ଓ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଖବରପାଇ ଉମରକୋଟ ବିଡିଓ ଦେବୀପ୍ରସାଦ ଟାଲି, ଜିଲା କୃଷି ଅଧିକାରୀ ସତ୍ୟ ପ୍ରସାଦ ସାମନ୍ତରାୟ, ଉମରକୋଟ ବ୍ଲକ କୃଷି ଅଧିକାରୀ ବିଧୁଭୂଷଣ ମହକୁଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ଧାରଣାରୁ ହଟିବାକୁ ଅନୁରୋଧ କରିଥିଲେ। ମଙ୍ଗଳବାର ସୁଦ୍ଧା ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ପ୍ରତିଶ୍ରୁତି ପୂରଣ ନ କଲେ ପରିସ୍ଥିତି ଭୟଙ୍କର ହେବ। ପୁଣି ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

**ଚାଷୀ, ପୋଲିସ ଧସ୍ତାଧସ୍ତି**

